ସକାଳ THE SAKALA



## ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ

# ଯୋଗ ଅଭ୍ୟାସ ନୁହେଁ, ଆବଶ୍ୟକତା ହେଉ







**ବଲାଙ୍ଗିର, ୨୧।୬(ସମିସ)**

ଅର୍ନ୍ତଜାତୀୟ ଯୋଗ ଦିବସ ଅବସରରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ କରାଯାଇଛି। ବିଭିନ୍ନ ସଂଗଠନ ପକ୍ଷରୁ ଯୋଗାଭ୍ୟାସ କାର୍ଯ୍ୟକ୍ରମ କରି ଯୋଗକୁ ଜୀବନର ଆବଶ୍ୟକତା ଭାବରେ ଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଛି।

ଅର୍ନ୍ତଜାତୀୟ ଯୋଗ ଦିବସ ଅବସରରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ଗାନ୍ଧୀଷ୍ଟାଡିୟମ ଠାରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧକ୍ଷା ଲିକା ସାହୁ, ବଲାଙ୍ଗିର ଏସ୍‌ପି ଋଷିକେଶ ଖିଲାରୀ, ଅତିରିକ୍ତ ଜିଲ୍ଲପାଳ ଡ. ବିଜୟାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ସମୟରେ ପ୍ରତି ମଣିଷକୁ କୌଣସି ନା କୌଣସି ରୋଗ ଗ୍ରାସ କରୁଛି। ବ୍ୟସ୍ତବହୁଳ ଜୀବନଯାପନ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଓ ବଦଭ୍ୟାସ ଯୋଗୁଁ ଅଳ୍ପ ବୟସରୁ ଶରୀର ରୋଗଗ୍ରସ୍ତ ହେଉଛି। ତେଣୁ ବର୍ତ୍ତମାନ ସମୟରେ ଯୋଗକୁ ଅଭ୍ୟାସ ନୁହେଁ ବରଂ ଜୀବନର ଆବଶ୍ୟକତା ଭାବରେ ଗ୍ରହଣ କରିବା ଦରକାର ବୋଲି ମତପ୍ରକାଶ ପାଇଥିଲା। ପ୍ରତିଦିନ କିଛି ସମୟ ବାହାର କରି ଯୋଗାଭ୍ୟାସ କଲେ ଶରୀର ସୁସ୍ଥ ରହିବା ସହିତ ମନପୂର୍ଣ୍ଣ ରହିବ ବୋଲି ମନ୍ତ୍ରୀ କହିଥିଲେ।

### ଏପିଏସ୍ କଲେଜ ରୋଡ୍

ବଲାଙ୍ଗିର : ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋଡ୍ ଠାରେ ଯୋଗ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା କାର୍ଯ୍ୟକ୍ରମ ଅଧିକାରୀ ଡ. ସନ୍ତୋଷ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୋଗ ଶିବିରରେ ଯୋଗଗୁରୁ ସୁରେନ୍ଦ୍ର ଭୋଇ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏଥିରେ ଜାତୀୟ ସେବା ଯୋଜନାର ସଂଯୋଜକ ଦୈତାରୀ ଶବର ଓ ଡ. ରଶ୍ମିଲତା ମହାନନ୍ଦ, ଯୁବ ରେଡକ୍ରସର ସଂଯୋଜକ ବାମଦେବ ମେହେର ଓ ଡ. ଲିଙ୍ଗରାଜ ମେହେର, ଲେଫ୍ଟନାଣ୍ଟ ଗୋପାଳ ସାହୁଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପିକ, କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

### ସହଯୋଗ ଫାଉଣ୍ଡେସନ୍ ଓ ପୌରପରିଷଦ

ବଲାଙ୍ଗିର: ବଲାଙ୍ଗିର ସହରର ସାମାଜିକ ଅନୁଷ୍ଠାନ ସହଯୋଗ ଫାଉଣ୍ଡେସନ୍ ଓ ବଲାଙ୍ଗିର ପୌରପରିଷଦ ପକ୍ଷରୁ ରାଜେନ୍ଦ୍ର ପାର୍କରେ ଯୋଗ ଦିବସ ପାଳିତ ହୋଇଛି। ଯୋଗ ଗୁରୁ ସୁଜିତ କୁମାର ସାହୁ ଯୋଗ ଅଧିବେଶନର ଅନୁଷ୍ଠାନ କରିଥିଲେ। ପୌରାଧକ୍ଷା ଲିକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୪ଶହରୁ ଅଧିକ ଅନ୍ତେବାସୀ ଅଂଶଗ୍ରହଣ କରିଥିଲେ। ଯୋଗ ଗୁରୁ ଶଙ୍କର ପ୍ରସାଦ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଅତିଥିଭାବେ ଜେଲ ଅଧିକ୍ଷକ ସର୍ବେଶ୍ୱର ସାହୁ ଉପସ୍ଥିତ ଥିଲେ। ଯୋଗ ଦିବସ କାର୍ଯ୍ୟକ୍ରମକୁ ବନ୍ଦନା ଅଗ୍ରୱାଲ, ମୁସ୍କାନ ମଲଙ୍ଗ, ସୁଦୀପ୍ତ ତ୍ରିପାଠୀ, ତୋଫାନ ପାତ୍ର, ଲଳିତ ମୁଣ୍ଡ, ନିରଞ୍ଜନ କିସନ୍, ବିବୁତି ଭୂଷଣ ବେହେରା, ଅନିଲ ଜାୟସ୍ୱାଲ, ଡେନିମ୍ କୁମାର, ପଞ୍ଚାନନ ଭୋଇ, ପ୍ରଭାତ ଶ୍ରୀବାସ୍ତବ ଏବଂ ଆଶୀଷ ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ।

### ବେଲପଡ଼ା କଲେଜ

ବେଲପଡ଼ା: ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଛି। ସୁରେସ ଚନ୍ଦ୍ର ମେହେର ଏହାକୁ ଉଦ୍‌ଘାଟନ କରିଥିଲେ। କରି ଶୁଭଆରମ୍ଭ କରିଥିବା ବେଳେ ଯୋଗ ଗୁରୁ ଭାବରେ ପ୍ରଦୀପ କୁମାର ଯୋଷୀ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ତଥା ମହାବିଦ୍ୟାଳୟ ର ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ପ୍ରାଣାୟାମ ର ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦେଇଥିଲେ।ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗୋଲି ଓଡ଼ିଆ ପ୍ରବନ୍ଧ ଲିଖନ, ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।କୃତି ଛାତ୍ର ଛାତ୍ରୀ ମାନଙ୍କୁ ତନ୍ମୟ କୁମାର ପାଣିଗ୍ରାହୀ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।ଅଧ୍ୟାପକ ସୁଦାମ ଚରଣ ମହାପାତ୍ର, ରମାକାନ୍ତ ପୁଟେଲ ସହଯୋଗ କରିଥିଲେ।

### ଲୋଇସିଂହା ମହାବିଦ୍ୟାଳୟ

ଲୋଇସିଂହା : ବଲାଙ୍ଗିର ଜିଲ୍ଲା ଲୋଇସିଂହା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଗୋବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଗୁରୁ ସସ୍ମିତା ସାହୁ ଯୋଗଦେଇ ଥିଲେ। ଇଂରାଜୀ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ବିବେକାନନ୍ଦ ମିଶ୍ର ଯୋଗ ଦିବସର ମହତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଇଂରାଜୀ ବିଭାଗ ମୁଖ୍ୟ ଅନୁପ ଖମାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଜଗମୋହନ ଦର୍ଜି ଧନ୍ୟବାଦ ଅର୍ପଣ କରିଥିଲେ।

### ଯୋଗୀସର୍ଡା ହରିହର ଉଚ୍ଚ ବିଦ୍ୟାଳୟ

**ଲୋଇସିଂହା:** ଲୋଇସିଂହା ବ୍ଲକ ଯୋଗୀସର୍ଡାସ୍ଥିତ ହରିହର ଉଚ୍ଚବିଦ୍ୟାଳୟ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଡୋଲାମଣି ସାହୁ ଛାତ୍ରଛାତ୍ରୀ ମାନଙ୍କୁ ଯୋଗଦିବସର ମହତ୍ୱ, ଯୋଗାସାନରେ ଶରୀରକୁ ମିଳୁଥିବା ଲାଭ ବିଷୟରେ ଉଦାହରଣ ସହିତ ପରାମର୍ଶ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଜୟ କୁମାର ସାହୁ, ପିଆଇ କରୁଣା କର୍ତ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ଯୋଗସାନ କରିଥିଲେ।

### ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ

ଲର୍କିପାଲି ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନଠାରେ ପତଞ୍ଜଳି ପରିବାର ତରଫରୁ ଅର୍ନ୍ତଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦାନ କରିଥିଲେ। ଏଥିରେ ଆଇଟିଆଇ ର ଶିକ୍ଷକ, ଛାତ୍ରଛାତ୍ରୀ, ସିଆରପିଏଫ ଯବାନ, ସ୍କୁଲ ଛାତ୍ରଛାତ୍ରୀ ଓ ପତଞ୍ଜଳି ପରିବାରର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପଥରଚେପା

ବଲାଙ୍ଗିର ପଥରଚେପା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଠାରେ ଆର୍ନ୍ତଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ଯୋଗର ମହତ୍ତ୍ୱସର୍ମ୍ପକରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସୂର୍ଯ୍ୟ ନମସ୍କାର ଠାରୁ ଆରମ୍ଭ କରି ଭୂଜଙ୍ଗାସନ, ଗୋମୁଖାସନ, ଗରୁଡାସନ, ସୁଖାସନ, ଅର୍ଦ୍ଧଚକ୍ରାସନ, ସସକାସନ, ଶବାସନ୍ ଏଭଳି ଅନେକ ଆସନ ର ଅଭ୍ୟାସ କରାଯାଇଥିଲା। ଛାତ୍ରଛାତ୍ରୀ ମାନେ ଯୋଗ ପ୍ରାଣାୟମ ସର୍ମ୍ପକରେ ବକ୍ତୃତା ପ୍ରଦାନ କରିବା ସହିତ ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇଥିଲା।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମହିମୁଣ୍ଡା

ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅଧୀନ ମହିମୁଣ୍ଡା ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆର୍ନ୍ତଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ଖଟୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯର୍‌ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଯୋଗାଭ୍ୟାସ କରାଯାଇଥିଲା। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗୀତ କରାଯାଇଥିଲା। ଖେଳ ଶିକ୍ଷକ ସରିତା ମେହେର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

**ପାଟଣାଗଡ଼:** ପାଟଣାଗଡ଼ ପ୍ରଶାସନ ପକ୍ଷରୁ ରମାଇ ହାଇସ୍କୁଲ ପଡ଼ିଆରେ ଯୋଗ ଦିବସ ପାଳନ କରାଯାଇଥିଲା। ପାଟଣାଗଡ଼ ବିଡିଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଅନେକ ପ୍ରଶାସନିକ ଅଧିକାରୀ ଓ ପାଟଣାଗଡ଼ର ଅନେକ ବୁଦ୍ଧିଜୀବୀ ଯୋଗଦେଇଥିଲେ। ସିଭିଲ କୋର୍ଟ ପରିସରରେ ଅତିରିକ୍ତ ଜିଲ୍ଲା ଜର୍ଜ, ଏସ୍‌ଡିଜେଏମ ପାଟଣାଗଡ଼ଙ୍କ ସହ ଆଇନଜୀବୀ ପ୍ରମୁଖ ଯୋଗ ଦିବସ ପାଳନ କରିଥିଲେ। ଜବାହରଲାଲ କଲେଜଠାରେ ଛାତ୍ରଛାତ୍ରୀଙ୍କ ସହ କଲେଜର ଅଧ୍ୟକ୍ଷ, ଅଧ୍ୟକ୍ଷା ଯୋଗ ଦିବସ ପାଳନ କରିଥିଲେ। ସେହିପରି ତମିଆଁ ହାଇସ୍କୁଲଠାରେ ସ୍କୁଲର ଶିକ୍ଷକ ଯୁବରାଜ ମେହେର, ଆନନ୍ଦ କୁମାର ଗଡ଼ତ୍ୟା ଯୋଗ ଦିବସ ପାଳନ କରିଥିଲେ।

**ଦେଓଗାଁ :** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଶୁକ୍ରବାର ଯୋଗ ଦିବସ ପାଳିତ ହୋଇଛି। ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟସ୍ଥିତ ନେହରୁ ଖେଳପଡ଼ିଆରେ ଡା. ଶଶିଭୂଷଣ ସାହୁଙ୍କ ପରିଚାଳନାରେ ମୁଖ୍ୟ ଅତିଥିଭାବେ ବିଡିଓ କ୍ଷମାନିଧି ଭୋଇ, ସମ୍ମାନିତ ଅତିଥିଭାବେ ସରପଞ୍ଚ ନୀନା ଛତ୍ରିଆ ଯୋଗଦେଇ ଥିଲେ। ଯୋଗ ଗୁରୁଭାବେ ଆଚାର୍ଯ୍ୟ କୁନୁ ସାହୁ ଓ ଜଗଦିଶ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଶିଶୁମନ୍ଦିର, ବାଳିକା ହାଇସ୍କୁଲ, ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟ, ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ପ୍ରାଧ୍ୟାପକ ଡ. ସୁରେଶ ପ୍ରସାଦ ଷଡ଼ଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟି ସଭାପତି ବଳଦେବ ମାଝୀ, ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ପ୍ରମୁଖ ଯୋଗଦେଇ ଥିଲେ। ଜରାସିଂହା ଯୁକ୍ତଦୁଇ କଲେଜରେ ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ବସନ୍ତ କୁମାର ମନହୀରା, ଅଧ୍ୟାପକ ଗୋବିନ୍ଦ ମେହେର, ଖେଳଶିକ୍ଷକ ପ୍ରଶାନ୍ତ କୁମାର ଥନାପତି ପ୍ରମୁଖ ଯୋଗଦେଇ ଥିଲେ। ପ୍ରାଧ୍ୟାପକ ଦୂର୍ବାଦଳ ଘିବେଲା ଧନ୍ୟବାଦ ଅର୍ପଣ କରିଥିଲେ।

**ତୁଷୁରା:** ଗୁଡଭେଲା ବ୍ଲକ ପ୍ରଶାସନ ତରଫରୁ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଥିଲା। ଏଥିରେ ଗୁଡଭେଲା ବିଡିଓ ସୌମ୍ୟକାନ୍ତା ବାଙ୍ଗୋଲା, ବିଇଓ ରୁଷିଆ ମେହେର, ଏବିଓ ରମେଶ ସାମର୍ଥ ଏବଂ ଅଞ୍ଚଳର ସମସ୍ତ ସରକାରୀ ପଦାଧିକାରୀ ମାନଙ୍କ ସହିତ ଅଞ୍ଚଳର କେତେକ ଅନୁଷ୍ଠାନ ଏବଂ ଯୁବକ ମାନେ ସାମିଲ ହୋଇ ଏକା ସାଙ୍ଗରେ ଯୋଗ କରିଥିଲେ।



















## ଓଲଟିଲା ଟ୍ରାକ୍ଟର, ବର୍ତ୍ତିଲେ ଚାଳକ

**ତୁରେକେଲା, ୨୧।୬(ସମିସ):** କଣ୍ଟାବାଞ୍ଜି ଥାନା ଅଧୀନ ବେହେରେନସିଲେଟ ଗାଁ ଠାରେ ଶୁକ୍ରବାର ଏକ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରାକ୍ଟରଟି ଝରଣୀ ଗାଁରୁ କଣ୍ଟାବାଞ୍ଜିକୁ ବେହେରେନସିଲେଟ ଦେଇ ଜେସିବି ଚକନେଇ ଯାଉଥିବା ବେଳେ ବେହେରେନସିଲେଟରୁ ଚଟୁଅନକା ରାସ୍ତା ମଝିରେ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।

## ବଲାଙ୍ଗିର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କଲେ ମନ୍ତ୍ରୀ

**ବଲାଙ୍ଗିର, ୨୧।୬(ସମିସ):** ବଲାଙ୍ଗିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ଡାକ୍ତର ଅଭାବ ତଥା ମାନବ ସଂଶାଧନ ବୃଦ୍ଧି ଦିଗରେ ଆଲୋଚନା ହୋଇଥିଲା। ଡାକ୍ତରମାନେ ନୈତିକତାକୁ ବ୍ରତ ଭାବେ ପାଳନ କରିବା ସହ ରୋଗୀଙ୍କୁ ଉତ୍ତମ ବ୍ୟବହାର କରିବାକୁ ଶ୍ରୀ ମହାଲିଙ୍ଗ କହିଥିଲେ। ଲମ୍ବା ତଥା ବର୍ଷବର୍ଷଧରି ଛୁଟିରେ ରହୁଥିବା ଡାକ୍ତରମାନଙ୍କୁ କାରଣ ଦର୍ଶାଇବାକୁ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ରୋଗୀ କିମ୍ବା ରୋଗୀ ସମ୍ପର୍କୀୟ ଆମ୍ବୁଲାନ୍ସ ସେବାରୁ ଯେପରି ବଞ୍ଚିତ ନ ହୁଅନ୍ତି ସେ ଦିଗରେ ଧ୍ୟାନ ଦେବାକୁ କହିଥିଲେ। ୭ ଦିନ ଭିତରେ ଅବ୍ୟବହୃତ ମେଡିକାଲ ସାମଗ୍ରୀ ଗୁଡିକର ତାଲିକା ଦେବାକୁ ଶ୍ରୀ ମହାଲିଙ୍ଗ ନିର୍ଦ୍ଦେଶ ଦେଇଥିଲେ। ଭୀମ ଭୋଇ ମେଡିକାଲ କଲେଜର ୨ ବର୍ଷରୁ ଉର୍ଦ୍ଧ୍ୱ ଧରି ୨ଟି ଅଚଳ ଅକ୍ସିଜେନ ପ୍ଲାଣ୍ଟକୁ ନେଇ କ୍ଷୁବ୍ଧ ହେବା ସହ ଯଥାଶୀଘ୍ର ମରାମତି ପାଇଁ ମେଡିକାଲ ସୁପରିଟେଣ୍ଡାଣ୍ଟଙ୍କୁ କହିଛନ୍ତି। ନିର୍ମଳ ଯୋଜନାରେ ସମସ୍ତ ମେଡିକାଲର ସଫେଇ କାର୍ଯ୍ୟ ଯେପରି ସୁରୁଖୁରୁରେ ହେବ ତଥା ସମ୍ପୃକ୍ତ ଏଜେନ୍ସି ଦରକାର ମୁତାବକ ମାନବ ସଂଶାଧନ ଯୋଗେଇ ଦେବାକୁ ଆଦେଶ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ସମସ୍ତ ଡାକ୍ତରଖାନା ନିଜସ୍ୱ ଆକାଉଣ୍ଟ ଖୋଲି ଅଭିଯୋଗର ଯଥା ଶୀଘ୍ର ସମାଧାନ କରିବାକୁ କହିଥିଲେ। ଏହି ସମୀକ୍ଷା ବୈଠକରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଭୀମଭୋଇ ମେଡିକାଲ କଲେଜ ଡିନ ପ୍ରିନ୍ସିପାଲ ସ୍ୱୟମପ୍ରଭା ପ୍ରଧାନ, ସିଡିଏମଓ ପ୍ରଦୀପ କୁମାର ଗୁରୁ, ଭୀମଭୋଇ ମେଡିକାଲ କଲେଜ ସୁପେରିଟେଣ୍ଡାଣ୍ଟ ମାନସୀ ପଣ୍ଡା, ଡିପିଏଚଓ ଦିବ୍ୟ କିଶୋର ପତି, ପ୍ରଭାତ କୁମାର ଦାଶ, କୁବେର ଚନ୍ଦ୍ର ମହନ୍ତ, ସୁଦ୍ଧା ବାର୍ଲା, ସିଦ୍ଧେଶ୍ୱର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



## ରଜ ମହୋତ୍ସବ ଅବସରରେ କଂସ ଦରବାର

# ପଞ୍ଚମ ଦିବସରେ ଷଡ଼ମଲ୍ଲଙ୍କୁ ଗୋପପୁର ପ୍ରେରଣ ମଞ୍ଚସ୍ଥ

**ଦେଓଗାଁ, ୨୧।୬(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମୁଖ୍ୟାଳୟରେ ରଜମହୋତ୍ସବ ଅବସରରେ ଚାଲିଥିବା କଂସ ଦରବାରରେ ଶୁକ୍ରବାର ପଞ୍ଚମ ଦିବସରେ ଦେବର୍ଷି ନାରଦଙ୍କ ପରାମର୍ଶକ୍ରମେ ଷଡମଲ୍ଲଙ୍କ ଆବାହନ ଓ ଷଡମଲ୍ଲଙ୍କୁ ଗୋପପୁର ପ୍ରେରଣ ନାଟ୍ୟାଭିନୟ ଅନୁଷ୍ଠିତ ହୋଇଥିଲା। ଏଥିରେ କଂସ ଭୂମିକାରେ ସଞ୍ଜୀବ ପଧାନ, ମହାମନ୍ତ୍ରୀ କୈଳାସ ଭୂଏ, ମନ୍ତ୍ରୀ ଲୋଚନ ପଧାନ, ସୋନାପତି ମନ୍ମଥ ଭୂଏ, ଷଡମଲ୍ଲ ବାଙ୍କା, ପୃଥିରାଜ ବାଗ, ଗୋପାନନ୍ଦ ସାହୁ ଓ ସାଥୀଙ୍କ ଦ୍ୱାରା ନାଟକ ପରିବେଷଣ ସମସ୍ତଙ୍କ ହୃଦୟସ୍ପର୍ଶୀ ହୋଇପାରିଥିଲା। ସ୍ଥାନୀୟ ଜବାହର ସାଂସ୍କୃତିକ ଯୁବକ ସଂଘ ଆନୁକୁଲ୍ୟରେ ଅନୁଷ୍ଠିତ କଂସ ଦରବାରରେ କମିଟି ସଭାପତି ବିଶ୍ୱଜିତ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଡା. ଶଶିଭୂଷଣ ସାହୁ, ସମ୍ମାନିତ ଅତିଥି ଭାବେ ବାସୁଦେବ ସିଂ ନିନା ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ମୀନା ବଜାର ମୁଖ୍ୟ ଆକର୍ଷଣ ସାଜିଥିବା ବେଳେ ଜବାହର ସାଂସ୍କୃତିକ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି।



**ଅନ୍ତର୍ଜାତୀୟ ଯୋଗ ଦିବସ**

# ଯୋଗ ଏକ ସୁସ୍ଥ ଓ ସମାହିତ ଜୀବନଶୈଳୀର ମାଧ୍ୟମ




**କେଗାଁ, ୨୧।୬ (ସମିସ)**

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ବିଜୁ କଲ୍ୟାଣ ମଣ୍ଡପରେ ଏକ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ଅକ୍ଷୟମିତା କାର୍ତ୍ତିକ, ତହସିଲଦାର ଚନ୍ଦନ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗକୁ ଏକ ସୁସ୍ଥ ଓ ସମାହିତ ଜୀବନଶୈଳୀ ଭାବେ ଅଭିହିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ, ମିଶନ ଶକ୍ତିର ମହିଳା କର୍ମଚାରୀ, ସମସ୍ତ ସରପଞ୍ଚ, ପିଇଓ ଉପସ୍ଥିତ ଥିଲେ। ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ପରିଚାଳନା କରିଥିଲେ। ସେହିପରି ଗୋଲାମୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ସର୍ବମଙ୍ଗଳା କଲେଜରେ ମଧ୍ୟ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି।

**ଭବାନୀପାଟଣା:** ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣା ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଭୀମସେନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ହାଇସ୍କୁଲ୍ ଶିକ୍ଷକ ତଥା ଯୋଗ ପ୍ରଶିକ୍ଷକ ରମାକାନ୍ତ ପାଢ଼ୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଶ୍ରୀ ପାଢ଼ୀଙ୍କ ମାର୍ଗ ଦର୍ଶନରେ ସାମୂହିକ ଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୁଧୀର ସାହୁ, ହେନା ଫାତମା, ରାମଚନ୍ଦ୍ର ମିଶ୍ର, ବିପ୍ଳବ ଘୋଷ, ସି ଦାଶ ମହାପାତ୍ର, ନିରଞ୍ଜନ ସାହୁ, ଭାଗବତ ନାୟକ, ହିତେଶ ସିଂହ, ମନୋଜ ସାହୁ ସମେତ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ସେହିପରି ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିରରେ ଛାତ୍ରଛାତ୍ରୀମାନେ ଯୋଗାଭ୍ୟାସ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ଉମେଶଚନ୍ଦ୍ର ଶତପଥୀ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଜୀବନଚର୍ଯ୍ୟାଗତ ଶାରୀରିକ ଓ ମାନସିକ ସମସ୍ୟା କିପରି ଯୋଗ ମାଧ୍ୟମରେ ଦୂର ହୋଇପାରୁଛି ସେ ଦିଗରେ ଯୋଗ ପ୍ରଶିକ୍ଷକ ସୁନୀଲ ବାଣୁଆ ପ୍ରକାଶ କରିଥିଲେ। ଶେଷରେ ଶାନ୍ତିମନ୍ତ୍ର ଉଚ୍ଚାରଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରାଯାଇଥିଲା।





ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ର୍ନ୍ତଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନା ସଦସ୍ୟମାନେ ସହଯୋଗ କରିଥିଲେ। ଅଧ୍ୟକ୍ଷ ଡ.ତ୍ରିଲୋଚନ ଜେନା ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ପତଞ୍ଜଳି ଯୋଗ ପୀଠର ଯୋଗ ପ୍ରଶିକ୍ଷକ ଦିଲ୍ଲୀପ ଚୌଧୁରୀ ଅନୁଷ୍ଠାନର କର୍ମଚାରୀ ଓ ଛାତ୍ରୀଙ୍କୁ ଯୋଗାଭ୍ୟାସ କରାଇଥିଲେ। ମୁଖ୍ୟଅତିଥି ଭାବେ 'ସକାଳ' ଖବରକାଗଜର ଜିଲ୍ଲା ପ୍ରତିନିଧି ସ୍ୱାଧୀନ ପାତ୍ର ଓ ଅନ୍ୟତମ ଅତିଥି ଭାବରେ କାଉନସିଲର ରଞ୍ଜୁକ୍ତା ପ୍ରଧାନ ଯୋଗ ଦେଇଥିଲେ। ଯୁବ ରେଡକ୍ରସ୍ ଅଧିକାରୀ ଡ.ରଜନୀକାନ୍ତ ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଜାତୀୟ ସେବା ଯୋଜନା ଅଧିକାରୀ ଡ. ପ୍ରତାପ କୁମାର ସେନାପତି ଧନ୍ୟବାଦ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତ୍ରିଲୋଚନ ଜେନା ନିୟମିତ



ଭାବରେ ଯୋଗ ଅଭ୍ୟାସ କରିବା ପାଇଁ ଅଂଶଗ୍ରହଣକାରୀ ମାନଙ୍କୁ ଶପଥ ପାଠ କରାଇଥିଲେ। ଏହାପରେ ଅତିଥିମାନେ ଅଂଶଗ୍ରହଣକାରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅନ୍ୟତମ ଯୁବ ରେଡକ୍ରସ୍ ଅଧିକାରୀ ଶଙ୍କର ଦଳାଇ ତଥା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ଓ ଛାତ୍ରୀ ସହଯୋଗ କରିଥିଲେ।

ଅନ୍ୟପକ୍ଷରେ, କେନ୍ଦ୍ରୀୟ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପେଷ୍ଟିଗୁରିରୁ ଅବସରପ୍ରାପ୍ତ ହାଇସ୍କୁଲର ଶିକ୍ଷକ ତଥା ଯୋଗ ପ୍ରଶିକ୍ଷକ ରାମକାନ୍ତ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଭୀମସେନ ପଣ୍ଡା ପରିଚାଳନା କରିଥିଲେ। ସୁଧୀର ସାହୁ, ହେନା ଫାଟମା, ରାମଚନ୍ଦ୍ର ମିଶ୍ର, ଦାସ ମହାପାତ୍ର, ବିପ୍ଳବ ଘୋସ୍, ନିରଂଜନ ସାହୁ, ଭାଗବତ ପ୍ରସାଦ ନାୟକ, ହିତେଶ ସିଂ, ମନୋଜ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ନାଭାଲ ଏନ.ସି.ସି. ୟୁନିଟର ବାର୍ଷିକ ପ୍ରଶିକ୍ଷଣ ସହ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ଅବସରରେ ନାଭାଲ ଏନସିସି କମାଣ୍ଡର ସୁନୀଲ କୁମାରଙ୍କ ଅଧ୍ୟକ୍ଷତାରେ ଏହି ଯୋଗ ଦିବସ ଅନୁଷ୍ଠିତ ହେଇଥିଲା। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ନୌସିନିକ ଏବଂ ୪୦୦ ଜଣ କ୍ୟାଡେଟ ଉପସ୍ଥିତ ଥିଲେ। ପ୍ରାୟ ୧୩ଟି ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଯୋଗ ପ୍ରଦର୍ଶନ କରିଥିଲେ। ଯୋଗ ଦିବସରେ ସୁସ୍ଥ ସବଳ ରହିବା ପାଇଁ ଏହି ବାର୍ତ୍ତାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ଏନସିସି ଏକ ପ୍ରଚେଷ୍ଟା କରିଥିବା କହିଥିଲେ ମୁଖ୍ୟଅତିଥି କମାଣ୍ଡର ସୁନୀଲ କୁମାର।

**ନର୍ଲା:** ନର୍ଲା ବ୍ଲକ ପରିସରରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଥରର ବାର୍ତ୍ତା 'ନିଜ ଓ ସମାଜ ପାଇଁ ଯୋଗ' ଅନ୍ତର୍ଗତ ଆୟୋଜିତ କାର୍ଯ୍ୟକ୍ରମରେ ନର୍ଲା ବ୍ଲକ ଅର୍ନ୍ତଗତ ମୁରସିଙ୍ଗ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ଯୋଗ କାର୍ଯ୍ୟକ୍ରମରେ ଶିକ୍ଷାବିତ



ଶରତ ଭୋଇ ଯୋଗଦାନ କରିଥିଲେ। ନର୍ଲା ବ୍ଲକ ପରିସରରେ ବିଡିଓ ରିପୁନାଥ ସୁନାଙ୍କ ତତ୍ତ୍ୱାବଧାନରେ ଏବିଡିଓ ଦେବେନ୍ଦ୍ର ସାମଲ, ପଞ୍ଚାୟତ ଅଧିକାରୀ ରବିକୁମାର ନାଏକ, ବାଗପୁର ସରପଞ୍ଚ ଗୋପାଳ ହାତୀ, ମାଣ୍ଡେଲ ସରପଞ୍ଚ ପଦ୍ମଲୋଚନ ଜାଲଙ୍କ ସହ ପ୍ରତ୍ୟେକ ସରକାରୀ କର୍ମଚାରୀ, ବୁଦ୍ଧିଜୀବୀ, ଖେଳାଳି, ସମାଜସେବୀ ଯୋଗ ଦେଇଥିଲେ। ନର୍ଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ ବାରିକ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ନର୍ଲା ଓ ରୁପ୍ରାରୋଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଗୁଡ଼ିକରେ ଯୋଗ ଦିବସ ପାଳିତ କରାଯାଇଛି। ନର୍ଲା ପଞ୍ଚାୟତସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୋଗ ପ୍ରଶିକ୍ଷକ କାମାକ୍ଷା ପ୍ରସାଦ ପ୍ରଧାନ, ଅଧ୍ୟକ୍ଷ ଭବାନୀ ଶଙ୍କର ଦାସ, ଅଧ୍ୟାପିକା ମିନତି ମେହେର, ଅଧ୍ୟାପକ ସୁରେଶ ନାୟକ, କ୍ରୀଡ଼ାଶିକ୍ଷକ ସୁମନ୍ତ ପୂଝାରୀ, ରାଜେଶ ଚାନ୍ଦ, ପ୍ରତାପ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

**କୋକସରା:** ୧୦ମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶୁକ୍ରବାର କୋକସରା ବ୍ଲକର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ ହୋଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ସ୍ନେହପ୍ରଭା ମାଝୀଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଥିବାବେଳେ ବ୍ଲକ କର୍ମଚାରୀ ସମେତ ଏମବିକେ, ସିଆରପି ମହିଳା ତଥା ଜନସାଧାରଣ ସାମିଲ ହେଇଥିଲେ। ଆରଏସଏସ କୋକସରା ଖଣ୍ଡର ଦୁଇ ଯୋଗ ଶିକ୍ଷକ ଯୋଗ ଦେଇଥିଲେ। ବ୍ଲକ ହିସାବ ରକ୍ଷକ ଅଶୋକ ସେଠୀ, ଜିପିଡିଓ ରାଜେନ୍ଦ୍ର ପାତ୍ର, କନିଷ୍ଠ ଯନ୍ତ୍ରୀ କୀର୍ତ୍ତିରଞ୍ଜନ ବେହେରା, ସୁକାନ୍ତ ବେହେରା, ପିପି ସିଂ, ଜଗାରାମ ମୁର୍ମୁ, ସୁନୀଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୋକସରା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ କଲେଜ ଅଧ୍ୟକ୍ଷ ପୁଷ୍ପରାଜ ମେହେରଙ୍କ ଅଧ୍ୟକ୍ଷତାରେ ଯୋଗ ଦିବସ ପାଳିତ ହୋଇଥିଲା। ଯୁବ ରେଡ଼କ୍ରସର ପରାମର୍ଶଦାତା ସୁବ୍ରତ ବେହେରା ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପକ ଅଶ୍ୱିନ ପଟ୍ଟନାୟକ, ଜଗନ ଚନ୍ଦନି, ଐରୀନାଶନ ଚିନ୍ଦା, ଅଧ୍ୟାପିକା କନକ ମଞ୍ଜୁରି ବେହେରା ସମେତ ମହାବିଦ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହିକ୍ରମରେ ଯୋଗ ପ୍ରଶିକ୍ଷଣ ନେଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ବିଜେପି ଆମପାଣି ମଣ୍ଡଳ ପକ୍ଷରୁ ପଥପ୍ରାନ୍ତ କେନ୍ଦ୍ରଠାରେ ମଣ୍ଡଳ ସଭାପତି ଅର୍ଜୁନ ଭାଟିଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ମଣ୍ଡଳ ଉପସଭାପତି ଚକ୍ରଧର ବେଶ୍ରା, ସମ୍ପାଦକ ମଧୁବନ ପାତ୍ର, ସନ୍ତୋଷ ମାଝୀ, କୃଷ୍ଣଚନ୍ଦ୍ର ନାଏକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଧରିତ୍ରୀ ବାଗ, ତୁଳାରାମ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ନକୁଳ ନାଏକ ଓ ତ୍ରିନାଥ ପ୍ରସନ୍ନ ରାୟ ଯୋଗ



ପ୍ରଶିକ୍ଷଣ ଦେଇଥିଲେ। ସେହିପରି କାଉଡୋଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଚକ୍ରଧର ବେଶ୍ରା, ପ୍ରଧାନଶିକ୍ଷକ ଜୟଶଙ୍କର ପାଠୀ, ତୁଳାରାମ ମାଝି, ନିତ୍ୟାନନ୍ଦ ମାଝୀ, ଯଶୋଦା ବାଗ, ହିରଣମୟୀ ପଣ୍ଡା ପ୍ରମୁଖଙ୍କ ଉପସ୍ଥିତରେ ଯୋଗ ଦିବସ ପାଳିତ ହୋଇଛି। ଏହା ବାଦ୍ କୋକସରା ବ୍ଲକର ଅନେକ ସରକାରୀ, ବେସରକାରୀ ଓ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି।

**କେସିଙ୍ଗା:** ବିଜୁ ପଟ୍ଟନାୟକ ଖେଳ ଭବନ ପରିସରରେ କେସିଙ୍ଗା ଏନଏସି ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଯୋଗ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ ଓ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗ ଦେଇଥିଲେ। ପ୍ରସିଦ୍ଧ ଯୋଗ ପ୍ରଶିକ୍ଷକ ଚିତ୍ତରଞ୍ଜନ ବଗର୍ତ୍ତି କ୍ରିୟା, ପ୍ରାଣାୟାମ, ଧ୍ୟାନ, ସଂକଳ୍ପ, ସୂର୍ଯ୍ୟ ନମସ୍କାର ସମେତ ବିଭିନ୍ନ ଯୋଗ କ୍ରିୟା ଶିଖାଇଥିଲେ। କେସିଙ୍ଗା ବିଜେପି ନଗର ସଭାପତି ମଗନ ସିନ୍ଧୁର, ପିଙ୍କୁ ପରିଡ଼ା, କେସିଙ୍ଗା ବିଡିଓ ପଦ୍ମନାଭ ପୁରୋହିତ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ ଚାନ୍ଦ, ଏବିଡ଼ିଓ ସିଦ୍ଧେଶ୍ୱର ମେହେର, ଏନ୍ଏସିର ନୃସିଂହ ବେହେରା, ଆକୁଳ ନାଏକ, ଗଦାଧର ସିଂଦେଓ, ଅର୍ଜୁନ ନାଏକଙ୍କ ସମେତ ସହରର ପ୍ରାୟ ୪୦୦ ପୁରୁଷ ଓ ମହିଳାଙ୍କ ସମେତ



ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଯୋଗଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସହରର ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନରେ ମଧ୍ୟ ଯୋଗ ଦିବସ ପାଳନ କରାଯାଇଥିବା ଜଣାପଡ଼ିଛି।

**ଧର୍ମଗଡ଼:** ଭାରତୀୟ ଆଦିମ ଜାତି ସେବା ସଂଘ ପରିଚାଳିତ ଜାଗୃତି ଗୃହ-୨ ପରିସରରେ ଯୋଗାଭ୍ୟାସ କରାଯାଇଥିଲା। ଜାଗୃତି ଗୃହରେ ରହୁଥିବା ୩୫ ଜଣ ଅନ୍ତେବାସୀ ମିଳିତ ଭାବେ ଯୋଗାଭ୍ୟାସ କରିଥଲେ। ଧର୍ମଗଡ଼ ଜାଗୃତି ଗୃହର ପରିଚାଳିକା ନିବେଦିତା ପ୍ରଧାନ, ସଦସ୍ୟା ଗୀତା ପଟ୍ଟନାୟକ, ସହାୟକ କର୍ମଚାରୀ ସରସ୍ୱତୀ ନାଏକ, ବନ୍ଦନା ଗୋମାଣ୍ଡୋ, ସୁଭାଷିନି ରାଉତ, ରୋଜାଲିନ ନାଏକ, ଖଦୀ ଭଣ୍ଡାର ପରିଚାଳକ ଦେବରାଜ ମହାନନ୍ଦ ଉକ୍ତ ଯୋଗାଭ୍ୟାସରେ ଯୋଗ ଦେଇଥିଲେ। ଯୋଗ ମନକୁ ଶାନ୍ତ ରଖିବାରେ ମଧ୍ୟ ସାହାଯ୍ୟ କରେ ବୋଲି ସଦସ୍ୟା ଗୀତା ପଟ୍ଟନାୟକ ଅନ୍ତେବାସୀଙ୍କୁ ବୁଝାଇଥିଲେ।



**ମ.ରାମପୁର:** ଉର୍ଲାଦାନୀସ୍ଥିତ ସହିଦ ରେଣ୍ଡୋ ମାଝୀ ପାର୍କରେ ଅନୁଷ୍ଠିତ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ମ.ରାମପୁର ବିଡିଓ ସବ୍ୟସାଚୀ ବେହେରା ସଭାପତିତ୍ୱ କରିଥିଲେ। ଅତିଥି ଭାବରେ ଉର୍ଲାଦାନୀ ସରପଞ୍ଚ ସୁପ୍ରିୟା ମାଝୀ, ସମିତିସଭ୍ୟା ମନସ୍ୱିନୀ ରଣା, ଯୋଗ ଶିକ୍ଷକ ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର



ଆଚାର୍ଯ୍ୟ ସୂର୍ଯ୍ୟସେନ ମହାଖୁଡ଼ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ହେମନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ସହିଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପୂଜାର୍ଚ୍ଚନା କରିବା ପରେ ସାମୂହିକ ଶପଥ ପାଠ କରିଥିଲେ। ଯୋଗାଣ ଅଧିକାରୀ ଶାନ୍ତାକାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୁଳମଣି ସିଂ ରାୟ, ସାମାଜିକ ସମ୍ପ୍ରସାରଣ ଅଧିକାରୀ ଶ୍ୟାମସୁନ୍ଦର ନାଏକ ସହଯୋଗ କରିଥିଲେ। ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ସରକାର କ୍ରୀଡ଼ା ବିଭାଗ ତରଫରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ୨୨୨

**ଲାଞ୍ଜିଗଡ଼:** ବିଡିଓ ଶଶାଙ୍କ ପାତ୍ରଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ସକାଳ ୭ଟା ସମୟରେ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନ୍ତର୍ଜାତୀୟ ଯୋଗ



ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଓ ବ୍ଲକ କଲୋନୀ ୟୁପି ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଶାନ୍ତି ନିକୁଞ୍ଜ ହରିଦ୍ୱାର ପ୍ରତିନିଧି ଅଶୋକ ପେନଠୋଇ ଓ ଯୋଗା ଶିକ୍ଷୟିତ୍ରୀ ପୂର୍ଣ୍ଣିମା ନାଏକ ପରିଚାଳନା କରିଥିଲେ। ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

**● ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ**

## ସୁସ୍ଥ ମନ ଓ ଶରୀର ପାଇଁ ଅତ୍ୟନ୍ତ ଜରୁରୀ ଯୋଗ



**ନୂଆପଡ଼ା, ୨୧।୬(ସମିସ):** ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଜିଲ୍ଲା ପ୍ରଶାସନ ଓ ପତଞ୍ଜଳି ଯୋଗ ସମିତି ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରଶନ୍ନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ନୂଆପଡ଼ା ଜିଲ୍ଲାପାଳ ହେମକାନ୍ତ ସୟ, ଏସପି ଜି.ଆର.ରାଘବେନ୍ଦ୍ର, ବରିଷ୍ଠ ନାଗରିକ ସଂଘ ସଭାପତି କ୍ଷୀରୋଦ ନିବାସ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତା . ଜିଲ୍ଲା କ୍ରୀଡ଼ାଧିକାରୀ ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ହରିପୁର ଆଶ୍ରମ ପ୍ରତିଷ୍ଠାତା ତଥା ଯୋଗଗୁରୁ ଆଚାର୍ଯ୍ୟ ସୁଦର୍ଶନ ଦେବ ଯୋଗଶିକ୍ଷା ଦେଇଥିଲେ। ସେ ଯୋଗ ଲୋକଙ୍କୁ ରୋଗମୁକ୍ତ ଓ ସୁସ୍ଥ ସବଳ କରି ରଖିଥାଏ। ଏହାର ବହୁ ଉପଯୋଗିତା ରହିଛି। ନିୟମିତ ଯୋଗ କଲେ ଶରୀର ସୁସ୍ଥ ରହେ ଓ ମନକୁ ଶାନ୍ତି ମିଳିଥାଏ ବୋଲି ପୂର୍ବତନ ଅତିଥିମାନେ କହିଥିଲେ। କ୍ଷମାନିଧି ଦଣ୍ଡସେନା, ହେମନ୍ତ ଦଣ୍ଡସେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହିଭଳି ସ୍ଥାନୀୟ ମିନିଷ୍ଟାଡିୟମ ଠାରେ ନୂଆପଡ଼ା ଏନଏସି ତରଫରୁ ଯୋଗ ଦିବସ ପାଳନ କରାଯାଇଥିଲା। ଏଥିରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦନ ସତପ୍ପୀ ଅଧ୍ୟକ୍ଷତା କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା କ୍ରିକେଟ ସଂଘ ସାଧାରଣ ସମ୍ପାଦକ ସରୋଜ ସାହୁ, ଏନଏସି ଅଧ୍ୟକ୍ଷ ମହମ୍ମଦ ଆଦମ, ଜିଲ୍ଲା ଉପ-ନିବନ୍ଧକ ମୋହନ ମୁଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଯାଜ୍ଞସେନୀ ମହାପାତ୍ର, ଅନିଲ ଦାସ ସମେତ ସମସ୍ତ ଏନଏସି କର୍ମଚାରୀ ଓ କାଉନସିଲର ପରିଚାଳନା କରିଥିଲେ। ଏହିଭଳି ନୂଆପଡ଼ା ସ୍ଥିତ ନ୍ୟାସନାଲ ମହାବିଦ୍ୟାଳୟ ଠାରେ ଯୁବ ରେଡ଼କ୍ରସ, ରାଷ୍ଟ୍ରୀୟ ସେବା ଯୋଜନା ଓ ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଦଶମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ହିତେଶ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳାହାଣ୍ଡିର ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି, ଯୋଗ ପ୍ରଶିକ୍ଷକ ଡ଼ା ବାସୁଦେବ ସାହୁ ମୁଖ୍ୟବକ୍ତା ଓ ଯୁବନେତା ଅଭିନନ୍ଦନ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆମସେନା ଗୁରୁକୂଳର ଯୋଗଶିକ୍ଷକ ଭକ୍ତ ଚରଣ ସାହୁ ଓ କଲ୍କିକେଶ କଟା ସମସ୍ତଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ଯୁବ ରେଡକ୍ରସ ଆବାହକ ସମ୍ପାଦକ ଶିବ ପ୍ରସାଦ ସା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସଚିନ କୁମାର ବାବୁ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରକାଶ କୁମାର ସାହୁ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିବାବେଳେ ରାଷ୍ଟ୍ରୀୟ ସେବା ଯୋଜନା ଅଧିକାରୀ ଗୋପୀ ଗୋପାଳ ସୁନା ଉପସ୍ଥିତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ସିନାପାଲି, ୨୧।୬(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠରେ ପାଳିତ ହୋଇଯାଇଛି। ସିନାପାଲି ବ୍ଲକ ପ୍ରଶାସନ, ପତଞ୍ଜଳି ଯୋଗ ସମିତି ଓ ଗାୟତ୍ରୀ ଶକ୍ତିପୀଠର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଯୋଗ ସମାବେଶରେ ଯୋଗ ସମିତିର ସଭାପତି ହୃଷିକେଶ ମେହେର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ବିଡିଓ ଅବିନାଶ ଲାକ୍ରା ଓ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ତହସିଲଦାର ମନୋରଞ୍ଜନ କେରକେଟା, ବିଇଓ



ଯତୀନ୍ଦ୍ର କୁମାର ସେଠ, ଶକ୍ତିପୀଠର ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଶତାଧିକ ସାଧାରଣ ଲୋକ ଉପସ୍ଥିତ ରହିଥିବା ବେଳେ ସମସ୍ତଙ୍କୁ ଯୋଗ ପ୍ରଶିକ୍ଷକ ତ୍ରିନାଥ ମେହେର ଯୋଗଶିକ୍ଷା ଦେଇଥିଲେ। ଆୟୋଜନରେ ଜିପିଓ ସଞ୍ଜୟ ମହାନନ୍ଦ, ତ୍ରିନାଥ ମେହେର, ତରୁଣ କୁମାର ମେହେର, ଖୁସିରାମ ମେହେର, ଦିନେଶ ମେହେର ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରିଗଞ୍ଜନ ଯୋଷୀ, ପ୍ରଦୀପ ଜୈନ, ବାମଦେବ ଦାଶ, ନନ୍ଦ କୁମାର ପାତ୍ରଙ୍କ ସହ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ରୂପେଶ ଚନ୍ଦ୍ର ମେହେର ଧନ୍ୟବାଦ ଦେଇଥିଲେ।

**● ସ୍କୁଲ ପାଚିକା ସହାୟିକା ଚୟନରେ ଅନିୟମିତତା ଘଟଣା**

## ବିଇଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



**ସିନାପାଲି, ୨୧।୬ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ମୁଣ୍ଡପଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପାଚିକା ସହାୟିକା ଚୟନରେ ଅନିୟମିତତା କରିଥିବା ବେଳେ ଗ୍ରାମବାସୀଙ୍କୁ ପାଚିକା ଚୟନ ବୈଠକ ତଥା ସ୍କୁଲରେ ପ୍ରବେଶ କରିବାକୁ ମନା କରିଥିବା ଅଭିଯୋଗ ନେଇ ଗ୍ରାମବାସୀ ସିନାପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜତୀନ୍ଦ୍ର ସେଠଙ୍କୁ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ପାଚିକା ସହାୟିକା ଆବଶ୍ୟକତା ରହିଥିବାବେଳେ ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନମାନୀ କରି ଯୋଜନା ମୁତାବକ ପାଚିକା ଚୟନରେ ଅନିୟମିତତା କରିଛନ୍ତି। ଗତ ୧୬ ତାରିଖ ଦିନ ପାଚିକା ଆବେଦନ ପାଇଁ ନୋଟିସ କରି ଗାଁ କାନ୍ଥରେ ଛାପିଥିବା ବେଳେ ଗୋଟିଏ ଦିନ ଛାଡି ୧୮ ତାରିଖ ଦିନ ପାଚିକା ସହାୟିକା ଚୟନ କରିଛନ୍ତି। ଏହି କଥା ଜାଣି ଗ୍ରାମବାସୀ ବିଦ୍ୟାଳୟ ରେ ଚାଲିଥିବା ବୈଠକକୁ ଯାଇଥିବା ବେଳେ ସେଠାରେ ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ସ୍କୁଲରେ ପ୍ରବେଶ କରିବାକୁ ମନା କରିଥିବା ଅଭିଯୋଗ ହୋଇଛି। ଶିକ୍ଷକଙ୍କ ଏଭଳି ବ୍ୟବହାର ଯୋଗୁ ଗ୍ରାମବାସୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ ନଛାଡିବାକୁ ଚେତାବନୀ ଦେଇଥିଲେ। ଏନେଇ ବ୍ଲକ ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହାର ତଦନ୍ତକରି ସମସ୍ୟାର ସମାଧାନ କରାଯିବ ବୋଲି ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀ ଯତୀନ୍ଦ୍ର କୁମାର ସେଠ୍ ପ୍ରକାଶ କରିଛନ୍ତି।

**ମୁହୁରା ଗାଁରେ ଛେଳି ମଡ଼କ**

## ୧୪ ଛେଳି ମୃତ, ସ୍ଥିତି ପରଖିଲେ ଅଧିକାରୀ

**ନୂଆପଡ଼ା/ଖଡ଼ିଆଳ, ୨୧।୬(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ଅରେଡ଼ା ପଞ୍ଚାୟତ ମୁହୁରା ଗାଁରେ ଛେଳି ମଡ଼କ ହୋଇଥିବା ସନ୍ଦେହ ସୃଷ୍ଟି ହୋଇଛି। ଜଣେ ଚାଷୀଙ୍କ ୧୪ଟି ଛେଳି ହଠାତ୍ ମରି ପଡ଼ିଥିବା ଦେଖାଯାଇଛି। ଘଟଣାସ୍ଥଳକୁ ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସାଧିକାରୀ ପ୍ରଦୀପ ସେଠ ପହଞ୍ଚି ସରଜମିନ ତଦନ୍ତ କରିଛନ୍ତି। ପ୍ରକାଶ ଯେ, ଉକ୍ତ ଗାଁର ଅନ୍ୟ ଚାଷୀଙ୍କ ସମେତ ପୁରୁଷୋତ୍ତମ ଷଣ୍ଢଙ୍କ ୨୯ ଛେଳିମାନଙ୍କୁ ନେଇ ଚାଷଜମିକୁ ଚରାଇବାକୁ ନେଇଥିଲେ। ଚରିବା ସମୟରେ ଛେଳିମାନେ ସୁସ୍ଥ ଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ପରେ ହାଠାତ୍ ଗୋଟିଏ ପରେ ଗୋଟିଏ ୧୪ଟି ଛେଳି ଟଳି ପଡ଼ିଥିଲେ। ଛେଳିଙ୍କଠାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇ ନ ଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଗତକାଲି ସବୁ ଛେଳି ସୁସ୍ଥ ଥିବାବେଳେ ପ୍ରାଣୀ ଚିକିତ୍ସା କେନ୍ଦ୍ର ତରଫରୁ ଗାଁର ସବୁ ଗାଇ, ଛେଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ୧୪ଟି ଛେଳିର ହାରାହାରି ବଜାର ମୂଲ୍ୟ ୩ ଲକ୍ଷରୁ ଊର୍ଦ୍ଧ୍ୱରୁ ହେବ ବୋଲି ସେ କହିଛନ୍ତି। ସେହିପରି ଗତକାଲି ଗାଁର ମୁକୁନ୍ଦ ଷାଣ୍ଢଙ୍କ ଏକ ବଳଦର ମଧ୍ୟ ମୃତ୍ୟୁଘଟିଥିବା ଜଣାପଡ଼ିଛି। ମୁକୁନ୍ଦ କିଛିଦିନ ତଳେ ଚାଷ କାର୍ଯ୍ୟ ପାଇଁ ୪୦ହଜାର ଟଙ୍କା ଦେଇ ଏକ ଯୋଡ଼ି ବଳଦ କିଣି ଥିଲେ। ସେମଧ୍ୟରୁ ଗୋଟିଏ ବଳଦ ମରିଯିବାରୁ ବର୍ତ୍ତମାନ ସେ ଅସହାୟହୋଇ ପଡ଼ିଛନ୍ତି। ତେଣୁ ଉଭୟ ଚାଷୀ ସରକାରୀ ସହଯୋଗ ପାଇଁ ନିବେଦନ କରିଛନ୍ତି। ଏନେଇ ପୁରୁଷୋତ୍ତମ ଖଡ଼ିଆଳପୁଲିସରେ ଅଭିଯୋଗ କରିବା ସହ ଜିଲ୍ଲାପ୍ରାଣୀଚିକିତ୍ସା କେନ୍ଦ୍ରକୁ ଜଣାଇଥିଲେ। ଘଟଣାର ଗୁରୁତ୍ୱ ଉପଲବ୍ଧି କରି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଶ୍ରୀ ସେଠଙ୍କ ନେତୃତ୍ୱରେ ଏଡିଭିଓ ଡିସି ବାଲକୃଷ୍ଣ ଦ୍ୱିବେଦୀ, ବିଭିଓ ସଂଗ୍ରାମ କେଶରୀ ବେହେରା, ଭିଟି ପିତାମ୍ବର ଧରୁଆ, ଭିଟି ରମେଶ ଚନ୍ଦ୍ର ପାଣିଗ୍ରାହୀ, କମଳ ଲୋଚନ ମାଝୀ, ନୀଳାମ୍ବର ସୁନା ଓ ଦୁର୍ଯ୍ୟୋଧନ ରଣା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ମୃତ ପ୍ରାଣୀଙ୍କ ବ୍ୟବଚ୍ଛେଦ ପରେ ଏହାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ କୁହାଯାଇଛି। ଏହାର ନମୁନା ସବୁ କୋଲକାତାକୁ ପଠା ଯାଇଛି। ଏହା କୋଣସି ବିଷାକ୍ତ ଜିନିଷ ଖାଇବା ହେତୁ ହୋଇ ଥାଇପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟ ପକ୍ଷେ ଚାଷୀଙ୍କୁ ସହାୟତା ପାଇଁ ସରକାରଙ୍କୁ ଜଣାଇବେ ବୋଲି ଶ୍ରୀ ସେଠ୍ ପ୍ରକାଶ କରିଛନ୍ତି।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

# ‘ଯୋଗ ଓ ପ୍ରାଣାୟାମ ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ’


ସୋନପୁର


ବୌଦ୍ଧ


ତରଭା

**ସୋନପୁର, ୨୧।୬(ସମିସ)**

ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସୌଜନ୍ୟରେ ଜିଲ୍ଲା କ୍ରୀଡା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲା ପ୍ରଶାସନର ଏହି ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଯୋଗ ଓ ପ୍ରାଣାୟାମ ଜୀବନକୁ ଶୃଙ୍ଖଳିତ କରିବା ସହ ମଣିଷର ଶରୀର ଓ ମନକୁ ସୁସ୍ଥରଖି ଏକ ବିକାଶମୁଖୀ ସମାଜ ଗଠନ ନିମନ୍ତେ ସକାରାତ୍ମକ ପ୍ରଭାବ ପକାଇଥାଏ ବୋଲି କହିଥିଲେ। ଶିବିରରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସିଡିଓ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ ମେହେର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଏହି ଶିବିରରେ ପତଞ୍ଜଳି ଯୋଗ ସମିତି, ଗୋପାଳଜୀ ତଡିତ ମନ୍ତ୍ରଶ୍ୱାସ ଯୋଗାଳୟ, ମାରୱାଡି ଯୁବାମଞ୍ଚ, ଜିଲ୍ଲା ସ୍ୱଚ୍ଛ ଭାରତ ସଙ୍ଘ, ଜିଲ୍ଲା ବାର୍ ଆସୋସିଏସନ, ଜିଲ୍ଲା ରକ୍ତଦାତା ସଂଘ, ବରିଷ୍ଠ ନାଗରିକ ସଂଘ, ବୁଦ୍ଧିଜୀବୀ, ଈଶ୍ୱରୀୟ ପ୍ରଜାପିତା ବ୍ରହ୍ମାକୁମାରୀ, ଶ୍ରୀ ସତ୍ୟସାଇ ସେବାସଦନ, ଗାୟତ୍ରୀ ପରିବାର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଜିଲ୍ଲା ବଜରଙ୍ଗ ଦଳ, ରାମଧୁନ କ୍ଲବ, ବୁଢାରଜା ଯୁବକ ସଙ୍ଘ, ରେଆର, ଗ୍ରାମ୍ୟୋଥାନ, ମହାନଦୀ ସାହିତ୍ୟ ସଂସଦ, ଜିଲ୍ଲା ଆଥେଲେଟିକ ସଙ୍ଘ, ଜିଲ୍ଲା କ୍ରିକେଟ ସଙ୍ଘ, କରାଟେ ଆସୋସିଏସନ, ସ୍ୱିମିଂ ଆସୋସିଏସନ୍, ତାଇକୋଣ୍ଡୋ ସଙ୍ଘ, ନାରୀଜାଗରଣ କେନ୍ଦ୍ର, ନାଟ୍ୟଚକ୍ର, ପଇଁରି, ଭୀମ ଭୋଇ କଳା ପରିଷଦ, ଜିଲ୍ଲା ବସ୍ ସଙ୍ଘ, ଜିଲ୍ଲା ଟ୍ରକ୍ ସଙ୍ଘ, ଜିଲ୍ଲା ଡ୍ରାଇଭର ସଙ୍ଘ, ଏସବିଆଇ ଆରଏସଇଟିଆଇ, ବଣିକ ସଙ୍ଘ ପ୍ରଭୃତି ସଂଗଠନ, ଯୋଗ ସଂଗଠନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକର୍ତ୍ତାଙ୍କ ସହ ଜିଲ୍ଲାର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଯୋଗଦାନ କରି ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ କରିଥିଲେ। ଏ ବର୍ଷ ଯୋଗ ଦିବସର ଶୀର୍ଷକ ‘ନିଜ ପାଇଁ ଓ ସମାଜ ପାଇଁ ଯୋଗ’ ରହିଛି। ଯୋଗର ମହତ୍ୱ ଓ ଗୁରୁତ୍ୱକୁ ବ୍ୟାପକ କରାଯିବା ଲକ୍ଷ୍ୟରେ ଦିବସ ପାଳନକୁ ଜିଲ୍ଲାର ସମସ୍ତ ବ୍ଲକ ସ୍ତରରେ ଓ ସହରାଞ୍ଚଳ ସ୍ତରରେ ପାଳନ କରାଯାଇଛି।

କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲାପାଳ ଜେ ସୋନାଲ, ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ମହାପାତ୍ର, ସି.ଇ.ଓ. ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବୌଦ୍ଧ ଏନଏସି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜେମାଦାର, ବୌଦ୍ଧ ବି.ଡି.ଓ. ଯୁଧିଷ୍ଠିର ମେହେର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ପବିତ୍ର ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆର ସିଂ, ନେହେରୁ ଯୁବ କେନ୍ଦ୍ର ତରଫରୁ ଉତ୍ତମ ମହାକୁଡ ପରିଚାଳନା କରିଥିଲେ। ଯୋଗ ପ୍ରଶିକ୍ଷକ ଭାବେ ଯୋଗ ଗୁରୁ ଦେବାଶିଷ ପୁରୋହିତ, ହୃଷୀକେଶ ପ୍ରଧାନ, ଦିଲ୍ଲୀପ ଚୌଧୁରୀ, ବିକାଶ ଅଗ୍ରୱାଲା, ନଟବର ଅଗ୍ରୱାଲା, ସୁନୀତା ଦାଶ, ସୁବାସ ଭୋଇ, ତୃପ୍ତି ଅଗ୍ରୱାଲା, ପ୍ରଜ୍ଞା ଦାଶ, ସୌମ୍ୟା ସୁମନ ପୁରୋହିତ, ଲିପ୍ସା ମିଶ୍ର, ଦାମୋଦର ମିଶ୍ର, ମିନୁପ୍ରସାଦ ମିଶ୍ର, ଆଶାରାଣୀ ମିଶ୍ର, କଲ୍ୟାଣୀ ଶତପଥୀ, ରାଜଲକ୍ଷ୍ମୀ ବିଶ୍ୱାଳ, ସଂଯୁକ୍ତା

ବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଗୋଷ୍ଠୀ ସମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ, ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, କମ୍ପ୍ୟୁଟର ପ୍ରୋଗ୍ରାମର ସୁଶୀଲ ସାହୁ, ବି.ପି. ସି ଉମାଶଙ୍କର ସାହୁ, ବିକ୍ରମ ବିଶି, ଶାହନୱାଜ ଖାନ, ନରେଶ ମହଲା, ଉତ୍ତମ ସିଂ ନାଗ, ହେମନ୍ତ ବେହେରା, ବିଜୟା ମଲ୍ଲିକ, ସୁରୁବୁଇ କୁଆଁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ସ୍ମାଟ ପାର୍କଠାରେ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ମୁଖ୍ୟ ଯୋଗ ଗୁରୁ ଭାବେ ବନବାସ ମେହେର, ଅକ୍ଷୟ ବାଘ ଓ ଜୟପ୍ରକାଶ ନାରାୟଣ ସାହୁ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ଅତିଥି ଭାବେ ବରିଷ୍ଠ ନାଗରିକ କମିଟି ସଭାପତି ଦେବେନ୍ଦ୍ର ବିଜୟ ସାହୁ, ନାଗରିକ କମିଟି ସଭାପତି

ଏହି ଯୋଗ ଦିବସରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଶିଷ୍ଟ ବ୍ୟକ୍ତି ଦୁଇ ଶହରୁ ଅଧିକ ଜନସାଧାରଣ ଯୋଗ ଦେଇଥିଲେ। ସେହିପରି ବୀରମହାରାଜପୁର କଲେଜ, ବାଳକ ହାଇସ୍କୁଲ, ବାଳିକା ହାଇସ୍କୁଲ, ସୁବଳୟା କଲେଜ, କୁମାର କେଳି ହାଇସ୍କୁଲ, ଆଦର୍ଶ ବିଦ୍ୟାଳୟ ସମେତ ସମସ୍ତ ଶିକ୍ଷାନୁଷ୍ଠାନରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଶେଷରେ ଏବିଡିଓ ପୁରୁଷୋତ୍ତମ ଧାରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

**ମନମୁଣ୍ଡା:** ଆଜି ମନମୁଣ୍ଡାର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଅନ୍ୟ ଅନୁଷ୍ଠାନ ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମନମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ସମ୍ବିତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏହା ପାଳିତ ହୋଇଥିଲା। ଯୋଗ ଦ୍ୱାରା ସ୍ୱାସ୍ଥ୍ୟ ଠିକ୍ ରହିବା ସହ ମନର ସ୍ଥିରତା, ଏକାଗ୍ରତା ରହେ ବୋଲି ଶ୍ରୀ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ଅନ୍ୟ ସହକାରୀ ଶିକ୍ଷକ ଅନ୍ତର୍ଯ୍ୟାମୀ ନାଏକ, ଚନ୍ଦ୍ରଶେଖର ମହାକୁଡ

ଖେଳ ଶିକ୍ଷକ ସୁରେଶ ବେହେରା ତାଲିମ ପ୍ରଦାନ କରିଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟ, ସିଦ୍ଧାର୍ଥ ଡିଗ୍ରୀ କଲେଜ, ବାଉଁସୁନି ଶ୍ରୀଜଗନ୍ନାଥ କଲେଜ, ବିନିକା ମହିଳା ଜୁନିଅର କଲେଜ, ଆଦର୍ଶ ବିଦ୍ୟାଳୟ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଯୋଗ ଦିବସ ପାଳିତ ହୋଇଯାଇଛି।

**ବାଉଁଶୁଣି:** ବୌଦ୍ଧ ଜିଲ୍ଲା ମା’ ମାହେଶ୍ୱରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ବାଉଁଶୁଣୀରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଯୋଗ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସେ ଛାତ୍ରଛାତ୍ରୀମାନଙ୍କୁ ଯୋଗର ଆବଶ୍ୟକତା ଓ ତାର ଉପକାରିତା ସମାଜ ତଥା ନିଜପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଶିକ୍ଷକ ଭାବେ ଯୋଗ ଗୁରୁ ଦାମୋଦର ମିଶ୍ର ଏବଂ ମିଲୁ ପ୍ରସାଦ ମିଶ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଆସନ ଓ ମୁଦ୍ରା ପ୍ରଦର୍ଶନ କରି ଶରୀର ପାଇଁ ତାର

ପ୍ରଶିକ୍ଷକ ସ୍ୱାମୀ ସୁବ୍ରତ ଦେବ ଜି ଯୋଗାଭ୍ୟାସ କରାଇବା ସହ ମନୁଷ୍ୟ ଶରୀର ପାଇଁ ଯୋଗ ଅତ୍ୟାବଶ୍ୟକ ଅଟେ ବୋଲି କହିଥିଲେ। ଏଥିରେ ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ସେହିପରି ଡୁଙ୍ଗୁରିପାଲି ବ୍ଲକ ପ୍ରଶାସନ ପକ୍ଷରୁ ଆରଏମସି ପରିସରରେ ମଧ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ସେହିପରି ମାୟାବର୍ହା ହାଇସ୍କୁଲରେ ଯୋଗ ଦିବସ ପ୍ରଧାନଶିକ୍ଷକ ରବିଚନ୍ଦ୍ର ପଶାୟତଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଡୁଙ୍ଗୁରିପାଲି ଏବିଇଓ ଗୁଞ୍ଜୁଲୁ ମିର୍ଦ୍ଧା ମୁଖ୍ୟଅତିଥି ଭାବରେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଯୋଗ ଅଭ୍ୟାସ ଉଭୟ ବ୍ୟକ୍ତିଗତ ତଥା ସାମାଜିକ ସ୍ୱାସ୍ଥ୍ୟର ଉପକାର କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷକ ତଥା ଜିଲ୍ଲା ସ୍କାଉଟ ତାଲିମ କମିଶନର ଦୀନବନ୍ଧୁ ପ୍ରଧାନ ଏବଂ ଯୋଗାଚାର୍ଯ୍ୟ କିଶୋର ପୁଟେଲ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଯୋଗାଭ୍ୟାସ କରାଇ ସେ ସବୁର ଉପକାରିତା ବିଷୟରେ


ବୀରମହାରାଜପୁର


ମନମୁଣ୍ଡା


ବାଉଁଶୁଣି

ମହାପାତ୍ର, ବିଜୟ କୁମାର ସାହୁ ପ୍ରମୁଖ ବିଭିନ୍ନ ସ୍ଥାନରେ ଯୋଗାଭ୍ୟାସ କରାଇଥିଲେ। ଆଜିର କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ନିଜେ ଯୋଗ କରିବା ସହିତ ଅନ୍ୟମାନଙ୍କୁ ଯୋଗ କରାଇବା ପାଇଁ ସଂକଳ୍ପ ପାଠ କରାଯାଇଥିଲା। ସମସ୍ତ ପ୍ରତିଭାଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

**ତରଭା:** ତରଭା ବ୍ଲକ ତରଫରୁ ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ୍ ପରିସରରେ ଅନ୍ତର୍ଜାତୀୟ

ହରିବନ୍ଧୁ ପାଣିଗ୍ରାହୀ ଯୋଗଦେଇ ଯୋଗଦ୍ୱାରା ମଣିଷ ସୁସ୍ଥ ରହିବା ସହ ନିରୋଗ ରହିଥାଏ ବୋଲି ପ୍ରକଶ କରିଥିଲେ। ଏନଏସିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ତରଭା ଏଇଏସ କଲେଜରେ ଅଧ୍ୟକ୍ଷା ମିନତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଯୋଗ ଦିବସରେ ପରିଚାଳନା କମିଟି ସଭାପତି ଶୈଳେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି, ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୋଗ ପ୍ରଶିକ୍ଷକ ବନବାସ ମେହେର ଯୋଗ ଶିକ୍ଷା ଦେଇଥିଲେ। କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଯୋଗ କରିଥିଲେ।

**ବୀରମହାରାଜପୁର:** ବୀରମହାରାଜପୁର ମିନି ଷ୍ଟାଡିୟମରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶନୀ ମିର୍ଦ୍ଧାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନନୀ ସଭାରେ ଉପଜିଲ୍ଲାପାଳ ଲଲାଟେନ୍ଦୁ ସି ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ଏସଡିପିଓ ବାସୁଦେବ ଛତ୍ରିଆ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ନାଗରିକ ସଙ୍ଗଠନର ସଭାପତି ଡ. ପ୍ରଫୁଲ୍ଲ ରଥ, ତହସିଲଦାର ପୁନମ୍ ମହାପାତ୍ର, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ସମାଜସେବୀ ବେଣୁଧର ଦାସ, ଚମ୍ପାମାଲ ସରପଞ୍ଚ ମହେନ୍ଦ୍ର ଜଗଦଲା ଯୋଗଦେଇ ଯୋଗାଭ୍ୟାସ ଯୋଗୁଁ ମଣିଷ ସବୁବେଳେ ସୁସ୍ଥ ରହି ଥାଏ ବୋଲି ମତବ୍ୟକ୍ତ କରିଥିଲେ। ବୀରମହାରାଜପୁର ପତଞ୍ଜଳୀ ଯୋଗ ସମିତିର ତହସିଲ ପ୍ରଭାରି ତଥା ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଯୋଗାଚାର୍ଯ୍ୟ ଦ୍ୱିତୀକୃଷ୍ଣ ପଣ୍ଡା ବିଭିନ୍ନ ପ୍ରକାରର ଯୋଗାଭ୍ୟାସ କରାଇଥିଲେ।

ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କୁ ଯୋଗ ପ୍ରଦର୍ଶନ ପୂର୍ବକ ଶିକ୍ଷାଦାନ କରିଥିଲେ। ଶିକ୍ଷୟିତ୍ରୀ ମମତା ନାୟକ, ରେଣୁବାଳା ବେହେରା, ଶ୍ରଦ୍ଧାଞ୍ଜଳି ମହାକୁଡ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଶଗଡ଼ା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟଙ୍କ ସଭାପତିତ୍ୱରେ ଯୋଗ ଦିବସ ପାଳନ କରାଯାଇଥିଲା। ଏନ୍‌ଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଶେଷଦେବ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଯୋଗାଭ୍ୟାସ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏତଦବ୍ୟତୀତ ମନମୁଣ୍ଡା ଲୋପାମୁଦ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ସମ୍ପଦ ଭୁକ୍ତାଙ୍କ ଅଧ୍ୟକ୍ଷତାରେ ଯୋଗ ଦିବସ ପାଳନ କରାଯାଇଥିଲା। ଅଧ୍ୟାପିକା ଗୌରିମୟୀ ଦାସ ଜୀବନରେ ଯୋଗର ଭୂମିକା ଉପରେ ବୁଝାଇଥିଲେ।

ଉପକାରିତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଡ. ଉମାକାନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

**ଶଗଡ଼ା:** କଣ୍ଢାମାଳ ଖେଳ ପଡ଼ିଆରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ କଣ୍ଢାମାଳ ବିଡିଓ ଶାମି ଜୟଶ୍ରୀ ରେ‡ୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କ ସହ ବହୁ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ। ସେହିଭଳି ନୂଆପାଲି ଗ୍ରାମରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆପାଲି ଗ୍ରାମର ଗ୍ରାମବାସୀ ଓ ଥେରାପି ସେଣ୍ଟରର

ବୁଝାଇଥିଲେ। ଡୁଙ୍ଗୁରିପାଲି ମହାବିଦ୍ୟାଳୟର ସେମିନାର ହଲ୍‌ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ କୁମାର ବିଶ୍ୱାଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଯୋଗାଦିବସର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଶିକ୍ଷକ ସୁରେଶ ପଧାନ ଯୋଗଦେଇ ଯୋଗ ଦିବସର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିରୂପେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ରସାନନ୍ଦ ଥପା ଯୋଗଦେଇ ଯୋଗର ଭୂମିକା ଉପରେ ଆଲୋକପାତ କରିଥିଲେ।

**ସୁବଳୟା:** ବୀରମହାରାଜପୁର ମହାବିଦ୍ୟାଳୟରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଆ ବିଭାଗ


ବିନିକା

ସେହିପରି ସହରର ବିଭିନ୍ନ ଅନୁଷ୍ଠାନ ସମେତ ଜିଲ୍ଲା ଶିକ୍ଷା ବିଭାଗ ତତ୍ତ୍ୱାବଧାନରେ ବିଦ୍ୟାଳୟ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ବିଶ୍ୱ ଯୋଗ ଦିବସକୁ ବେଶ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ କରାଯାଇଛି। ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ଯୋଗ ଶିବିରର ବିଭିନ୍ନ କାର୍ଯ୍ୟକ୍ରମକୁ ପରମାନନ୍ଦ ନାୟକ, ପ୍ରଧାନ ଶିକ୍ଷକ କୋଶଲ ଉଚ୍ଚ ବିଦ୍ୟାଳୟ ସଂଯୋଜନା କରିଥିବା ବେଳେ ବିଦ୍ୟାପତି ପଣ୍ଡା ଜିଲ୍ଲା ଗ୍ରନ୍ଥଗାରିକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟକ୍ରମର ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ବୌଦ୍ଧ:** ଆଜି ବିଶ୍ୱ ଯୋଗ ଦିବସ ଅବସରରେ ସମଗ୍ର ବୌଦ୍ଧ ଜିଲ୍ଲା ହୋଇଛି ଯୋଗମୟ। ଯୋଗକୁ ପ୍ରତ୍ୟେକ ବ୍ୟକ୍ତି ପାଖରେ ପହଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ନୂତନ ପ୍ରୟାସ ସ୍ୱରୂପ ଜିଲ୍ଲାର ଶତାଧିକ ସ୍ଥାନରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ଆଜି ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ସାମୂହିକ ଯୋଗାଭ୍ୟାସ। ବୌଦ୍ଧ ସହରର ଐତିହାସିକ ମହାନଦୀ ଆଳତି ଘାଟ, ଟାଉନ୍ ହଲ୍, ବୌଦ୍ଧ ବ୍ଲକ, ମାଉସୀ ମା’ ମନ୍ଦିର, କେନ୍ଦ୍ରୀୟ ବିଦ୍ୟାଳୟ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଜିଲ୍ଲା ନ୍ୟାୟାଳୟ, ସ୍ୱତନ୍ତ୍ର କାରାଗାର, ବୁଟୁପାଲି ଖେଳ ପଡ଼ିଆ, ବ୍ରହ୍ମ କୁମାରୀ, ଅଗ୍ରୱାଲା ଭବନଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜିର

ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁସ୍ଥ ରହିବା ପାଇଁ ଯୋଗ ଅତ୍ୟନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ କୁମାର କୁଲ୍ଲୁଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ତରଭା ବ୍ଲକର ୨୦୧ ଜଣ ମହିଳା ଓ ପୁରୁଷ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତରଭାର ଯୋଗ ପ୍ରଶିକ୍ଷକ ସୋମନାଥ ପ୍ରଧାନ ଓ ଅବସରପ୍ରାପ୍ତ ବରିଷ୍ଠ କିରାଣୀ ସୁବୋଧ ମହାରଣା ଯୋଗାଭ୍ୟାସ କରାଇଥିଲେ। ମାନଭଞ୍ଜନ ମିଶ୍ର ସଭା ପରିଚାଳନା କରିଥିବା



ଡୁଙ୍ଗୁରିପାଲି

ଅଧ୍ୟାପକ ସଞ୍ଜୟ ଭବସାଗର ଛାତ୍ରଛାତ୍ରୀଙ୍କୁ ଯୋଗାଭ୍ୟାସ କରାଇଥିଲେ। ଅଧ୍ୟାପକ ବ୍ରଜେନ୍ଦ୍ର ତ୍ରିପାଠୀ, କର୍ମଚାରୀ ଦଣ୍ଡଧାରୀ ଭୋଇ, ରୀନାରାଣୀ ପାତ୍ର ସହଯୋଗ କରିଥିଲେ। ସେହିପରି ବସନ୍ତ ସୋସିଆଲ ଫାଉଣ୍ଡେସନ ନିଶୁଳ୍କ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର (ମନମୁଣ୍ଡା)ର ପ୍ରଶିକ୍ଷକ ସୁଶାନ୍ତ କୁମାର ରଥ ପ୍ରଶିକ୍ଷାର୍ଥୀମାନଙ୍କୁ ଯୋଗାଭ୍ୟାସ କରାଇଥିଲେ।

**ବିନିକା:** ବର୍ତ୍ତମାନ ପରିପ୍ରେକ୍ଷୀରେ ନିଜକୁ ଖାପ ଖୁଆଇବା ସହିତ ସୁସ୍ଥ ଜୀବନଯାପନ ପାଇଁ ଠିକ ଭାବରେ ଖାଦ୍ୟପେୟ ଗ୍ରହଣ କରିଲେ ଏବଂ ପ୍ରତିଦିନ ପ୍ରାଣାୟାମ କଲେ ନିଶ୍ଚିତ ସଫଳତା ମିଳିବ। ଯାହାକି ଆଦର୍ଶ ବ୍ୟକ୍ତିଙ୍କ ପାଇଁ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଆଜି ବିଶ୍ୱ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବିନିକା ସହର ସମେତ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶତାଧିକ ପୁରୁଷ ଓ ମହିଳା ଯୋଗାଭ୍ୟାସ କରିଛନ୍ତି। ସ୍ଥାନୀୟ ଇନଡୋର ଷ୍ଟାଡିୟମଠାରେ ବିନିକା ଏନ୍‌ଏସି ତରଫରୁ ଅନୁଷ୍ଠିତ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଶତାଧିକ ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଯୋଗ ଗୁରୁ ତଥା ଅବସରପ୍ରାପ୍ତ

ସ୍ୱତନ୍ତ୍ର ପ୍ରଶିକ୍ଷିକା ବୀଣାପାଣି ଲୁହା ଓ ଭୌତିକ ଚିକିତ୍ସକ ସୋମନାଥ ସାହୁ ଯୋଗଦାନ କରିଥିଲେ। ସ୍ୱତନ୍ତ୍ର ପ୍ରଶିକ୍ଷିକା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୋମନାଥ ସାହୁ ଯୋଗର ଅର୍ଥ ଓ ଅଷ୍ଟାଙ୍ଗ ପତଞ୍ଜଳୀ ଯୋଗ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଚନ୍ଦ୍ରମା ସେଲମା ଧନ୍ୟବାଦ ଦେବା ସହ ସମସ୍ତେ ନିଜ ଜୀବନରେ ଯୋଗକୁ ଧାରଣ କରି ଏକ ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚୌଧୁରୀ ବାରିକ, ମମତା କୁମ୍ଭାର, ସୁପ୍ରଭା ଯାନି ଓ ଅଶ୍ୱିନୀ ମହାନନ୍ଦ ସହଯୋଗ କରିଥିଲେ।

ମୁଖ୍ୟ କ୍ୟାପଟେନ୍ ସୂର୍ଯ୍ୟନାରାୟଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ସେହିପରି ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସୀମାରାଣୀ ବେହେରା, ବରିଷ୍ଠ କର୍ମଚାରୀ ବିପିନ ବିହାରୀ ଖମାରୀ ଓ ସୁବାସ ଚନ୍ଦ୍ର ଶତପଥୀ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ଯୋଗାସନ ଅଭ୍ୟାସ କରାଯାଇଥିଲା। ଅଧ୍ୟାପିକା ଡ. ବନ୍ଦିତା ବିଶ୍ୱାଳ ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।


ଶଗଡ଼ା



ସୁବଳୟା

